## ସଂକ୍ଷେପରେ

### ମିଳିତ ଜନଶୁଣାଣି ବାତିଲ

ତାଳଚେର, ୧୫।୩(ନି.ପ୍ର.)- ତାଳଚେର ପ୍ରଶାସନ ପକ୍ଷରୁ ତାଳଚେରରେ ମାର୍ଚ୍ଚ ୧୬ ଓ କଣିହାଁ ବ୍ଲକରେ ମାର୍ଚ୍ଚ ୩୦ରେ ହେବାକୁ ଥିବା ମିଳିତ ଜନଶୁଣାଣି ଶିବିରକୁ ବାତିଲ କରାଯାଇଛି। କରୋନା ଭାଇରସ୍ ସଂକ୍ରମଣକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଥିବା ସୂଚନା ଦିଆଯାଇଛି। ତେବେ ପରବର୍ତ୍ତୀ ଶୁଣାଣି ତାରିଖ ଧାର୍ଯ୍ୟ କରାଯାଇ ନ ଥିବା ଜଣାପଡିଛି।

### ଚିକିତ୍ସାଧୀନ ଅବସ୍ଥାରେ ବୃଦ୍ଧ ମୃତ, ପରିଚୟ ମିଳିଲା

ଅନୁଗୋଳ ଅଫିସ୍, ୧୫।୩- ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଗତ ୫ ତାରିଖରୁ ଚିକିତ୍ସିତ ହେଉଥିବା ଜଣେ ବୃଦ୍ଧଙ୍କ ରବିବାର ମୃତ୍ୟୁ ଘଟିଛି। ଏଥିସହ ତାଙ୍କ ପରିଚୟ ମଧ ମିଳିଛି। ସେ ଅନୁଗୋଳ ଜିଲା କିଆକଟା ଥାନା ବାସୁଦେବପୁରର ସପ୍ନେଶ୍ୱର ପ୍ରଧାନ(୬୦) ବୋଲି ଜଣାପଡିଛି। ଅନୁଗୋଳ ପୋଲିସ ତାଙ୍କ ପରିବାରକୁ ସୂଚନା ଦେବା ସହ ମୃତଦେହ ବ୍ୟବଚ୍ଛେଦ କରାଇ ମେଡିକାଲରେ ମୃତଦେହ ରଖାଯାଇଛି। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ବାଣ ଫୁଟି ପାପୁଲି ଛିଣ୍ଡିଲା

ଅନୁଗୋଳ ଅଫିସ୍, ୧୫।୩- ଅନୁଗୋଳ ଜିଲା ତାଳଚେର ଥାନା ଶିରିଗିଡ଼ା ଗ୍ରାମରେ ରବିବାର ଅପରାହ୍ନରେ ବାଣ ଫୁଟି ଚନ୍ଦନ ଗଡ଼ନାୟକଙ୍କ ପୁଅ ଡଲୁ ଗଡ଼ନାୟକ(୧୫) ଗୁରୁତର ହୋଇଛନ୍ତି। ତାଙ୍କ ଡାହାଣ ହାତ ପାପୁଲି ଛିଣ୍ଡି ପଡ଼ିଥିବାବେଳେ ସଙ୍କଟାପନ୍ନ ଅବସ୍ଥାରେ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଶିରିଗିଡ଼ା ଗ୍ରାମରେ ସାତଦୋଳ ଉତ୍ସବ ଚାଲିଥିବାବେଳେ ବାଣ ଫୁଟା ଚାଲିଥିଲା। ଏକ ନଡ଼ିଆ ବାଣ କୌଣସି କାରଣରୁ ନ ଫୁଟିବାରୁ ଡଲୁ ଏହାକୁ ହାତରେ ଧରିଥିଲେ। ସେହି ସମୟରେ ବାଣଟି ଫୁଟିଥିଲା। ପରିବାର ଲୋକେ ତାଙ୍କୁ ପ୍ରଥମେ ମଣ୍ଡାପାଳ ଡାକ୍ତରଖାନା ଓ ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ।

### ଆମ୍ବେଡକର ଫାଉଣ୍ଡେଶନର ନିର୍ବାଚନ

ଅନୁଗୋଳ ଅଫିସ୍, ୧୫।୩- ଅନୁଗୋଳର ଆମ୍ବେଡକର ଫାଉଣ୍ଡେଶନ କର୍ମକର୍ତ୍ତାମାନଙ୍କର ନିର୍ବାଚନ ଶେଷ ହୋଇଯାଇଛି। ଅଧକ୍ଷ ଭାବେ ପ୍ରହଲ୍ଲାଦ ନାୟକ ନିର୍ବାଚିତ ହୋଇଥିବାବେଳେ ସାଧାରଣ ସମ୍ପାଦକ ପ୍ରଦ୍ୟୁମ୍ନ ନାଏକ, ସହ ଅଧକ୍ଷ ପ୍ରଭାତ କୁମାର ବେହେରା, ଲଳିତ ମୋହନ ବେହେରା, ଗୋପାଳ ଚନ୍ଦ୍ର ନାଏକ, ନୟନ ସେଠୀ, ଧନେଶ୍ୱର ବେହେରାଙ୍କୁ ମନୋନୀତ କରାଯାଇଛି। ସେହିପରି ସମ୍ପାଦକ ଭାବେ ବିକାଶ ନାଏକ, ପତିତପାବନ ନାଏକ, ବିଦା ନାଏକ, କୁମୁଦ ଚନ୍ଦ୍ର ନାଏକ, ପ୍ରହଲ୍ଲାଦ ନାଏକ ନିର୍ବାଚିତ ହୋଇଛନ୍ତି। କୋଷାଧକ୍ଷ ଭାବେ କୈଳାସ ଚନ୍ଦ୍ର ନାଏକ ମନୋନୀତ ହୋଇଛନ୍ତି। ସେହିପରି କମିଟି ସଦସ୍ୟ ଭାବେ ଅକ୍ଷୟ କୁମାର ବେହେରା, ଗୋବିନ୍ଦ ନାଏକ, କ୍ଷୀରୋଦ କୁମାର ଅଘ, ପରାମର୍ଶଦାତା ଭାବେ ତରଣୀସେନ ନାଏକ, ପବିତ୍ର ପ୍ରଜ୍ଞାଶୀଳ, ସୁରେଶ ଚନ୍ଦ୍ର ରାଜହଂସ, ଚିତ୍ତରଞ୍ଜନ ନାଏକ, ଲକ୍ଷ୍ମଣ ନାଏକ, ବୈଦ୍ୟନାଥ ନାଏକ ହୋଇଥିବା ଫାଉଣ୍ଡେଶନ ପକ୍ଷରୁ ଏକ ପ୍ରେସ ବିଜ୍ଞପ୍ତି ମାଧମରେ ସୂଚନା ଦିଆଯାଇଛି। ରିଟର୍ନିଂ ଅଫିସର ଅଧାପକ ସୁରେଶ ରାଜହଂସ, ଇଲେକ୍ସନ ଅଫିସର ଭାବେ ଲକ୍ଷ୍ମଣ ନାଏକ ଓ ନାରାୟଣ ସେଠୀ ପ୍ରମୁଖ ନିର୍ବାଚନ ପରିଚାଳନା କରିଥିଲେ।

### ବରିଷ୍ଠ ପାଲା ଗାୟକଙ୍କ ବିୟୋଗ

ଭୁବନ, ୧୫।୩(ଡି.ଏନ.ଏ.)-ଢେଙ୍କାନାଳ ଜିଲା ଭୁବନ ବ୍ଲକ ବାରୁଆଁ (ବି) ଗ୍ରାମର ପାଲା ଗାୟକ ପ୍ରଚିରତ୍ନ ଦୟାନିଧି ଆଚାର୍ଯ୍ୟ (୯୨)ଙ୍କ ଶନିବାର ପରଲୋକ ହୋଇଯାଇଛି। ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ସେ ଜଣେ ସ୍ୱନାମଧନ୍ୟ ପାଲାଗାୟକ ଭାବେ ପରିଚିତ ଥିଲେ। ଏଥିସହ ଏକାଧାରରେ ଜଣେ ସଙ୍ଗଠକ, ଲେଖକ, କବି ଭାବେ ସୁଖ୍ୟାତି ଅର୍ଜନ କରିଥିଲେ। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଅନ୍ତିମ ସମୟରେ ତାଙ୍କ ନିକଟରେ ପୁତ୍ର ମନମୋହନ, ହରମୋହନ, ଝିଅ ଜୟନ୍ତୀ, ଗାୟତ୍ରୀ, ଧରିତ୍ରୀଙ୍କ ସମେତ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ମରଶରୀରକୁ ଶୋଭାଯାତ୍ରାରେ ସହର ପରିକ୍ରମା ପରେ ସଂସ୍କାର କରାଯାଇଥିଲା। ତାଙ୍କ ମୃତ୍ୟୁରେ ବ୍ଲକ ପାଲା ପରିଷଦ ଓ କଳାକାରଙ୍କ ପକ୍ଷରୁ ଶୋକ ପାଳନ କରାଯାଇଛି।

# ନିର୍ବାହୀ ଅଧିକାରୀଙ୍କୁ ସହର, ବିଡିଓଙ୍କୁ ଗାଁ ଦାୟିତ୍ୱ

ଅନୁଗୋଳ ଅଫିସ୍, ୧୫।୩



■ଜରୁରୀ ବୈଠକ ଡକାଇଲେ ଜିଲାପାଳ
■ପର୍ଯ୍ୟଟକଙ୍କ ତଥ୍ୟ ଦେବାକୁ ନିର୍ଦ୍ଦେଶ
■ଦାୟିତ୍ୱ ନ ତୁଲାଇଲେ ରୁଜୁ ହେବ ମାମଲା

କରୋନା ଭୂତାଣୁ ସଂକ୍ରମଣକୁ ଦୃଷ୍ଟିରେ ରଖି ରବିବାର ପୂର୍ବାହ୍ନରେ ଜିଲାପାଳ ମନୋଜ କୁମାର ମହାନ୍ତିଙ୍କ ଅଧକ୍ଷତାରେ ତାଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାକୁ ଆସୁଥିବା ପର୍ଯ୍ୟଟକଙ୍କ ଉପରେ କଡ଼ା ନଜର ରଖିବା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି। ଏଥିପାଇଁ ନିର୍ବାହୀ ଅଧିକାରୀ ଓ ବିଡିଓଙ୍କୁ ସ୍ୱତନ୍ତ୍ର ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି। ଏଥିସହ ଆବଶ୍ୟକସ୍ଥଳେ ସନ୍ଦିଗ୍ଧଙ୍କୁ ଆଶ୍ରୟସ୍ଥଳ(କ୍ୱାରେଣ୍ଟାଇନ୍)ରେ ରଖିବା ପାଇଁ ବିଭିନ୍ନ ବିଦ୍ୟାଳୟଗୁଡିକୁ ଚିହ୍ନଟ କରିବାକୁ ସେ କହିଛନ୍ତି।

ସହର କିମ୍ବା ବିଦେଶରୁ ଆସୁଥିବା ଲୋକଙ୍କ ବିଷୟରେ ପ୍ରତି ବ୍ଲକର ବିଡିଓମାନେ ତଥ୍ୟ ସଂଗ୍ରହ କରିବେ। ଗ୍ରାମାଞ୍ଚଳକୁ ଆସୁଥିବା ପର୍ଯ୍ୟଟକମାନଙ୍କ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଓ ଉପଜିଲାପାଳମାନଙ୍କୁ ଜଣାଇବାକୁ ବିଡିଓଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ସହରକୁ ଆସିଥିବା ପର୍ଯ୍ୟଟକଙ୍କ ତଥ୍ୟ ସଂଗ୍ରହ କରିବାକୁ ନିର୍ବାହୀ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି। କିଏ କେଉଁଠାରୁ ଆସିଛନ୍ତି, ତାଙ୍କର ସ୍ୱାସ୍ଥ୍ୟାବସ୍ଥା କିପରି ରହିଛି ଏହାର ତଥ୍ୟ ସିଡିଏମ୍‌ଓ ଓ ଉପଜିଲାପାଳଙ୍କୁ ପ୍ରଦାନ କରାଯିବ। ଏଥିସହ କ୍ୱାରେଣ୍ଟାଇନ୍‌ରେ ରଖିବାକୁ ବିଭିନ୍ନ ବିଦ୍ୟାଳୟକୁ ଚିହ୍ନଟ କରାଯିବ।

**କରୋନା ସଂକ୍ରମଣ ସଚେତନତା**

ବିଦ୍ୟାଳୟଗୁଡ଼ିକରେ ଶୌଚାଳୟ, ପାନୀୟ ଜଳ ଓ ବିଦ୍ୟୁତ ସେବାର ବ୍ୟବସ୍ଥା କରିବାକୁ ମଧ ସ୍ଥିର କରାଯାଇଛି। ବାହାରୁ ଆସୁଥିବା ଲୋକଙ୍କର ଡାକ୍ତରୀ ପରୀକ୍ଷା ପାଇଁ ଏକ ଦଳ ସର୍ବଦା ପ୍ରସ୍ତୁତ ହୋଇ ରହିବେ। ବ୍ଲକସ୍ତରରେ ପ୍ରତି ପଞ୍ଚାୟତରେ ଟାକ୍ସ ଫୋର୍ସ କମିଟି ଗଢ଼ାଯାଇ ଗ୍ରାମାଞ୍ଚଳ ଲୋକଙ୍କ ଉପରେ ନଜର ରଖାଯିବ। ଜରୁରୀ ଅବସ୍ଥା ସୃଷ୍ଟି ହେଲେ ତୁରନ୍ତ ପଞ୍ଚାୟତ ବୈଠକ ଡାକି ଲୋକ ପ୍ରତିନିଧିମାନଙ୍କ ସହାୟତାରେ ଜନସାଧାରଣଙ୍କୁ ସଚେତନ କରିବାକୁ ବ୍ୟବସ୍ଥା କରାଯିବ ବୋଲି ପ୍ରଶାସନ ପକ୍ଷରୁ ଯୋଜନା କରାଯାଇଛି। ଶନିବାର ଠାରୁ ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶକ୍ରମେ ଜିଲାରେ ଥିବା ୧୧ଟି ସିନେମା ହଲ୍ ଓ ଜିମ୍ ସେଣ୍ଟରଗୁଡ଼ିକୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜିଲାରେ ଥିବା ସମସ୍ତ ଟ୍ୟୁଟୋରିଆଲ୍, ସୁଇମିଂପୁଲ ଗୁଡ଼ିକ ମଧ ବନ୍ଦ କରାଯିବାକୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ଏଥିସହ ସାମାଜିକ ଉତ୍ସବରେ ଜନସାଧାରଣଙ୍କ ସମାବେଶ ନ ହେବାକୁ ସଚେତନ କରାଯିବାକୁ ନିର୍ଦ୍ଦେଶ ରହିଛି। ସହରାଞ୍ଚଳରେ ପୌର ଅଧିକାରୀଙ୍କୁ ଏହି ଦାୟିତ୍ୱ ଦିଆଯାଇଥିବାବେଳେ ବିଭିନ୍ନ ବ୍ଲକରେ ବିଡିଓମାନେ ଏହି କାର୍ଯ୍ୟ କରିବେ। ଯେଉଁମାନେ ଦାୟିତ୍ୱରେ ଖିଲାପ କରିବେ ସେମାନଙ୍କ ବିରୋଧରେ ଫୌଜଦାରି ମାମଲା ରୁଜୁ କରାଯିବ ବୋଲି ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଅନ୍ୟପକ୍ଷରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ପ୍ରତାପ କୁମାର ବେହେରାଙ୍କ ଅଧକ୍ଷତାରେ ଏକ ସ୍ୱତନ୍ତ୍ର ଡାକ୍ତରୀଦଳ ସଜାଗ ରହିଥିବା ସୂଚନା ମିଳିଛି। ଏହି ବୈଠକରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଅତୁଲ୍ୟ କୁମାର ଚମ୍ପତିରାୟଙ୍କ ସମେତ ଜିଲାର ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ତହସିଲଦାରଙ୍କୁ ହତ୍ୟା ଧମକ

ବଇଣ୍ଡା, ୧୫।୩(ଡି.ଏନ.ଏ.)



କିଶୋରନଗର ବ୍ଲକ ହଣ୍ଡପା ଥାନା ବଇଣ୍ଡା ରାଜସ୍ୱ କାର୍ଯ୍ୟାଳୟ ପରିସରରେ ରବିବାର କିଶୋରନଗର ତହସିଲଦାର ଡ. ଲକ୍ଷ୍ମୀପ୍ରସାଦ ସାହୁଙ୍କୁ ଲୁହାମୁଣ୍ଡା ଗ୍ରାମର ଧୋବେଇ ବେହେରା ଓ ତାଙ୍କର ୨ ସହଯୋଗୀ ଗାଳିଗୁଲଜ କରିବା ସହ ହତ୍ୟା ଧମକ ଦେଇଥିବା ହଣ୍ଡପା ଥାନାରେ ଅଭିଯୋଗ ହୋଇଛି। ପୋଲିସ ଲକ୍ଷ୍ମୀପ୍ରସାଦଙ୍କ ଅଭିଯୋଗକ୍ରମେ ନଂ. ୩୯/୨୦ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ କହିଛି, ଏକ ଟ୍ରାକ୍ଟର(ନଂ. ଓଡି୧୯ଜେ-୮୪୨୫)ରେ ଚୋରା ବାଲି ଚାଲାଣ କରାଯାଉଥିବା ଖବରପାଇ ତହସିଲଦାର ଓ ତାଙ୍କର ଏକ ଟିମ ବଇଣ୍ଡା ଅଞ୍ଚଳରେ ଚଢ଼ାଉ କରିଥିଲେ। ଏଥିସହ ବଇଣ୍ଡା ରାଜସ୍ୱ କାର୍ଯ୍ୟାଳୟକୁ ଟ୍ରାକ୍ଟରକୁ ଆଣି ସେଥିରୁ ୨୫ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ଉକ୍ତ ଟ୍ରାକ୍ଟରଟି ଧୋବେଇଙ୍କ ସହଯୋଗୀଙ୍କ ହୋଇଥିବାରୁ ଏହାକୁ ଛାଡି ଦେବାକୁ ଧୋବେଇ ତହସିଲଦାରଙ୍କୁ କହିଥିଲେ। ହେଲେ ଜରିମାନା ଆଦାୟ ହେବ ବୋଲି ତହସିଲଦାର କହିବା ପରେ ଧୋବେଇ ଓ ଦୁଇ ସହଯୋଗୀ ତାଙ୍କୁ ହତ୍ୟା ଧମକ ଦେଇଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି। ସେହିପରି ହଣ୍ଡପା ତହସିଲ ପକ୍ଷରୁ ଚଢାଉ କରାଯାଇ ବାଲି ଚାଲାଣ କରୁଥିବା ଏକ ହାଇୱା (ନଂ. ଓଡି୧୫ଜି୮୪୮୫)କୁ ଜବତ କରାଯାଇଛି। ଏଥିସହ ହାଇୱାରୁ ୫୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି।

# କରୋନା ସଚେତନତା ବାଣ୍ଟିଲେ ବିଧାୟକ



ଶିବିରରେ ସାମୂହିକ ହାତ ଧୁଆ କାର୍ଯ୍ୟକ୍ରମ।

ପାଲଲହଡ଼ା, ୧୫।୩(ଡି.ଏନ.ଏ.)

ପାଲଲହଡ଼ା ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଥିବା ଭୋଟ ଗଣତି ପ୍ରକୋଷ୍ଠରେ ରବିବାର କରୋନା ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପାଲଲହଡ଼ା ବିଧାୟକ ମୁକେଶ କୁମାର ପାଲ ଯୋଗଦେଇ କରୋନାକୁ ଭୟ ନ କରି ତାର ମୁକାବିଲା କରିବା ପାଇଁ ଆହ୍ୱାନ ଦେଇଥିଲେ। ବାରମ୍ବାର ହାତକୁ ସାବୁନରେ ଧୋଇବା, ଗହଳି ଜାଗାରୁ ଦୂରେଇ ରହିବା, ଥଣ୍ଡା ଜ୍ୱର ଲାଗି ରହିଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବା ପାଇଁ ସଚେତନ କରାଇଥିଲେ। ଏଥିସହ ବିଧାୟକ ସାମୂହିକ ହାତଧୁଆ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ପାଲଲହଡା ପଞ୍ଚାୟତ ସମିତି ଅଧକ୍ଷ ନବକିଶୋର ନାଏକ, ବିଧାୟକଙ୍କ ପ୍ରତିନିଧି ନରେନ୍ଦ୍ର ଭୁକ୍ତା, ଅତିରିକ୍ତ ଜିଲାପାଳ ବ୍ରୁସିୟସ ଡୁଙ୍ଗଡୁଙ୍ଗଙ୍କ ସମେତ ମାଲ୍ୟଗିରି ମହୋତ୍ସବ କମିଟିର ସଦସ୍ୟ, ବରିଷ୍ଠ ନାଗରିକ ଓ ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ।

## ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ, ଅଭିଯୁକ୍ତ ଗିରଫ

**ହସ୍‌ପିଟାଲରେ ଚିକିତ୍ସାଧୀନ ପୀଡ଼ିତା**

ବସ୍ତା, ୧୫।୩ (ଡି.ଏନ.ଏ.)

ବାଲେଶ୍ୱର ଜିଲା ବସ୍ତା ଥାନା ଅନ୍ତର୍ଗତ ଏକ ଗ୍ରାମର ସପ୍ତମ ଶ୍ରେଣୀରେ ପଢୁଥିବା ଜଣେ ନାବାଳିକାଙ୍କୁ ତାଙ୍କ ସମ୍ପର୍କୀୟ ବଳାତ୍କାର କରିଥିବା ନେଇ ଥାନାରେ ଲିଖିତ ଅଭିଯୋଗ ହୋଇଛି। ପୀଡିତାଙ୍କ ବାପା ଦେଇଥିବା ଏତଲା ଭିତ୍ତିରେ ପୋଲିସ ଦଫା ୩୭୬(୩) ଓ ପୋକ୍‌ସୋ ଆକ୍ଟରେ ମାମଲା (ନଂ.୬୪/୨୦) ରୁଜୁ କରି ଅଭିଯୁକ୍ତ ରାମଚନ୍ଦ୍ର ମହାପାତ୍ରଙ୍କୁ ଗିରଫ କରିଥିବା ଥାନା ଆଇଆଇସି ମାନସ କୁମାର ଦେଓ ପ୍ରକାଶ କରିଛନ୍ତି। ଶନିବାର ଅପରାହ୍ନରେ ଏହି ନାବାଳିକାଙ୍କୁ ଅଭିଯୁକ୍ତ ନିକଟସ୍ଥ ଏକ ହାଟକୁ ଡାକି ନେଇ ପରେ ଅନ୍ୟ ଏକ ସ୍ଥାନରେ ବଳାତ୍କାର କରି ଛାଡି ପଳାଇଥିଲେ। ନାବାଳିକା ଜଣକ କାନ୍ଦୁଥିବା ଦେଖି ସ୍ଥାନୀୟ ଲୋକେ ଉଦ୍ଧାର କରି ପରିବାର ଲୋକକୁ ଖବର ଦେଇଥିଲେ। ପରେ ପରିବାର ଲୋକେ ନାବାଳିକାଙ୍କୁ ନେଇ ହସ୍‌ପିଟାଲରେ ଭର୍ତ୍ତି କରିବା ସହ ଥାନାରେ ଅଭିଯୋଗ କରିଥିଲେ। ଅଭିଯୁକ୍ତ ଜଣକ ଖସିଯିବାକୁ ଉଦ୍ୟମ କରୁଥିବା ବେଳେ ଲୋକେ ଅଟକାଇ ପୋଲିସକୁ ହସ୍ତାନ୍ତର କରିଥିଲେ। ପୋଲିସ ଉଭୟ ପୀଡିତା ଓ ଅଭିଯୁକ୍ତଙ୍କୁ ଡାକ୍ତରୀ ମାଇନା କରାଇଥିବା କହିଛି।

# ରାସ୍ତା ଖୋଳିଦେଲେ ଗ୍ରାମବାସୀ



ଲୋକେ ରାସ୍ତା ଖୋଳି ଦେଇଛନ୍ତି।

ବଣ୍ଟଅଁରପାଳ, ୧୫।୩(ଡି.ଏନ.ଏ.)

**ନିମ୍ନମାନର ନିର୍ମାଣ ଅଭିଯୋଗ**

ଅନୁଗୋଳ ଜିଲା ବଣ୍ଟଅଁରପାଳ ବ୍ଲକ ବଉଳିଗଡ଼ଠାରେ ପୂର୍ତ୍ତବିଭାଗ ପକ୍ଷରୁ ନିର୍ମାଣ ଚାଲିଥିବା ରାସ୍ତାକାମ ନିମ୍ନମାନର ହେଉଥିବା ବଉଳିଗଡ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହାର ପ୍ରତିବାଦ କରି ଉତ୍ୟକ୍ତ ଲୋକେ ରବିବାର ରାସ୍ତାକୁ ଖୋଳି ଦେଇଛନ୍ତି। ଫଳରେ ଉଭୟ ପାର୍ଶ୍ୱରୁ ଆସୁଥିବା ବହୁ ଯାନବାହନ ଅଟକି ରହିଥିଲା। ଗ୍ରାମବାସୀଙ୍କ ଅଭିଯୋଗ ମୁତାବକ, ଖଣ୍ଡହତାଠାରୁ ବଉଳିଗଡ଼ ପର୍ଯ୍ୟନ୍ତ ପ୍ରାୟ ୧୧କି.ମି. ରାସ୍ତା ନିର୍ମାଣ ପାଇଁ ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂ ଶୁଭ ଉଦଘାଟନ କରିଥିଲେ। ହେଲେ ଏହି କାର୍ଯ୍ୟରେ ନିୟୋଜିତ ଠିକାଦାର ନିମ୍ନମାନର କାର୍ଯ୍ୟ କରୁଛନ୍ତି। ଏପରିକିବିନା ସୂଚନାରେ ବ୍ୟକ୍ତିଗତ ଜାଗାରେ ମଧ କାର୍ଯ୍ୟ କରାଯାଉଥିବା ଅଭିଯୋଗ ହୋଇଛି। ଏହାର ପ୍ରତିବାଦରେ ରାସ୍ତା ଖୋଳି ଦିଆଯାଇଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ଗ୍ରାମର ପ୍ରଶ୍ନ ଦଣ୍ଡିଆ, କେଶବ ଦଣ୍ଡିଆ, ବିରଞ୍ଚି ସେଠୀ, ଧିରୋଜ ସେଠୀ, ନେପାଳ ସାମଲ, ବାପୁନ ସେଠୀ ପ୍ରମୁଖ ଦାବି କରିଛନ୍ତି। ଏ ନେଇ ପୂର୍ତ୍ତବିଭାଗ ନିର୍ବାହୀ ଯନ୍ତ୍ରୀଙ୍କ ଫୋନ ନ ଉଠାଇବାକୁ ମତାମତ ମିଳିପାରିନାହିଁ। ବଣ୍ଟଅଁରପାଳ ବିଡିଓ ଏଲିଜା ମିଶ୍ର କହିଛନ୍ତି, କେଉଁ ବିଭାଗ ଏହି ରାସ୍ତା କାର୍ଯ୍ୟ କରୁଛି ତାହାର ଜଣାନାହିଁ। ଲୋକଙ୍କ ଅଭିଯୋଗ ଉପରେ ଅନୁଧ୍ୟାନ କରାଯିବ। ମହୀଧରପୁର ଫାଣ୍ଡି ଅଧିକାରୀ ଅଶୋକ ତ୍ରିପାଠୀ କହିଛନ୍ତି, ରାସ୍ତାରେ ଲୋକେ କୌଣସି ଗଣ୍ଡଗୋଳ କରିଥିବାର ଅଭିଯୋଗ ହୋଇନାହିଁ।

# କିଶୋରନଗର ବିକାଶ ଉପରେ ଆଲୋଚନା



କାର୍ଯ୍ୟକ୍ରମରେ ଉପସ୍ଥିତ ସଂଘର ସଦସ୍ୟମାନେ।

ବଇଣ୍ଡା, ୧୫।୩(ଡି.ଏନ.ଏ.)

କିଶୋରନଗର ହାଇସ୍କୁଲ ପରିସରରେ ରବିବାର ଅବସରପ୍ରାପ୍ତ ଶିକ୍ଷକ କର୍ମଚାରୀ ସଂଘର ୬ଷ୍ଠ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ପ୍ରଫେସର ଡ. ଅନିଲ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ହାଇସ୍କୁଲର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପବିତ୍ରମୋହନ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ସଂଘର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିବା ସହ ଆଗାମୀ ଦିନରେ କିଶୋରନଗର ଅଞ୍ଚଳର କିଭଳି ଅଧିକ ବିକାଶ ହୋଇପାରିବ ସେଥିପ୍ରତି ସମସ୍ତେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ରମାକାନ୍ତ ପ୍ରଧାନ, ସମ୍ମାନିତ ଅତିଥି ଭାବେ ଡ. ଅଲେଖ କୁମାର ପ୍ରଧାନ, ରାଜେନ୍ଦ୍ର ଦେହୁରି, ପର୍ଶୁରାମ ଛନ୍ଦ, ପୂର୍ଣ୍ଣଚନ୍ଦ୍ର ବେହେରା, ଗୋଲେଖଚନ୍ଦ୍ର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ସଂଘର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ପୁରାତନ ଛାତ୍ର ସଂସଦର ସମ୍ପାଦକ ଦେବରାଜ ପ୍ରଧାନ ଧନ୍ୟବାଦ ଦେଇଥିଲେ।

# ୧୨୭ ପିଲାଙ୍କୁ ପଢାଉଛନ୍ତି ୨ ଶିକ୍ଷକ

ବଇଣ୍ଡା, ୧୫।୩(ଡି.ଏନ.ଏ.)

■ଆମ୍ବଶରମୁଣ୍ଡା ସେବାଶ୍ରମ ବିଦ୍ୟାଳୟ
■ବର୍ଷା ହେଲେ ଶ୍ରେଣୀରେ ପାଣି
■ଜିଲାପାଳଙ୍କଠାରେ ଅଭିଯୋଗ

ଶିକ୍ଷାର ବିକାଶ ପାଇଁ ସରକାରଙ୍କ ଯୋଜନା ବହୁ ବିଦ୍ୟାଳୟରେ ଠିକ୍ ଭାବେ କାର୍ଯ୍ୟକାରୀ ହୋଇପାରୁନି। ଭିତ୍ତିଭୂମି, ଶିକ୍ଷକ ଅଭାବ ପିଲାଙ୍କ ପାଠପଢାରେ ବ୍ୟାଘାତ ସୃଷ୍ଟି କରୁଥିବାରୁ ଅଭିଭାବକମାନେ ସେମାନଙ୍କ ପିଲାଙ୍କୁ ବେସରକାରୀ ବିଦ୍ୟାଳୟମୁହାଁ କରାଉଥିବା ଅଭିଯୋଗ ହେଉଛି। ବିଦ୍ୟାଳୟ ଭଳି ଅନୁଷ୍ଠାନରେ ବର୍ଷ ବର୍ଷ ଧରି ସମସ୍ୟା ଲାଗି ରହିଥିଲେ ମଧ ତାହା ସମାଧାନ ହୋଇପାରୁ ନାହିଁ ଯାହା ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ଆମ୍ବଶରମୁଣ୍ଡା ସେବାଶ୍ରମ ବିଦ୍ୟାଳୟରେ ଦେଖାଦେଇଛି। ଅନେକ ସମସ୍ୟା ଘେରରେ ଥିବା ଏହି ବିଦ୍ୟାଳୟ ବିଭାଗୀୟ ଅବହେଳାର ଶିକାର ହେଉଥିବାରୁ ଏଠାରେ ଶିକ୍ଷାଦାନ ବିପର୍ଯ୍ୟସ୍ତ ହୋଇପଡ଼ିଥିବା ଅଭିଭାବକମାନେ ଅଭିଯୋଗ ଆଣିଛନ୍ତି। ଏ ସଂକ୍ରାନ୍ତରେ ଗ୍ରାମବାସୀ ଶୁକ୍ରବାର ଅନୁଗୋଳ ଜିଲାପାଳଙ୍କୁ ଅଭିଯୋଗପତ୍ର ମାଧମରେ ଅବଗତ କରାଇଛନ୍ତି।



ଗ୍ରାମବାସୀ କହିଛନ୍ତି, ୧୯୫୫ରେ ସେବାଶ୍ରମ ବିଦ୍ୟାଳୟରେ ପରିଣତ ହୋଇଥିବା ଏହି ସ୍କୁଲରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୧୨୭ ଛାତ୍ରୀଛାତ୍ର ଅଧ୍ୟୟନରତ। ଏବେ ଏଠାରେ ୪ଟି ଶ୍ରେଣୀ ଗୃହ ରହିଥିବାବେଳେ ସେଥିମଧ୍ୟରୁ ୨ଟି ଶ୍ରେଣୀଗୃହ ବିପଦସଙ୍କୁଳ। ସାମାନ୍ୟ ବର୍ଷା ହେଲେ ଶ୍ରେଣୀଗୃହରେ ପାଣି ଗଳୁଛି। ଫଳରେ ଗୋଟିଏ ଶ୍ରେଣୀ ଗୃହରେ ୨ଟି ଓ ଅନ୍ୟ ଶ୍ରେଣୀଗୃହରେ ୩ଟି କ୍ଲାସର ଛାତ୍ରୀଛାତ୍ର ବସି ପାଠପଢୁଛନ୍ତି। ଏମାନଙ୍କୁ ପାଠ ପଢାଇବା ପାଇଁ ନିଯୁକ୍ତ ହୋଇଛନ୍ତି ମାତ୍ର ୨ ଜଣ ଶିକ୍ଷକ। ୧୨୭ ପିଲାଙ୍କୁ ୨ ଜଣ ଶିକ୍ଷକ ପାଠ ପଢାଇବା କଷ୍ଟକର ହେଉଥିଲେ ହେଁ ଏଠାରେ ଆଉ ଶିକ୍ଷକ ନିଯୁକ୍ତି ଦିଆଯାନାହିଁ। ଏ ନେଇ ଗ୍ରାମବାସୀ ବହୁବାର ଜିଲା ପ୍ରଶାସନକୁ ଜଣାଇଥିଲେ ମଧ କୌଣସି ସୁଫଳ ମିଳୁ ନ ଥିବା ଅଭିଯୋଗ ହୋଇଛି। ତୁରନ୍ତ ଏଥିପ୍ରତି ଅନୁଗୋଳ ଜିଲାପାଳ, ଆଠମଲ୍ଲିକ ବିଧାୟକ, ଶିକ୍ଷାମନ୍ତ୍ରୀ ଦୃଷ୍ଟି ଦେଇ ଆବଶ୍ୟକ ଶ୍ରେଣୀଗୃହ ନିର୍ମାଣ ସହ ଶିକ୍ଷକ ଯୋଗାଇ ଦେବାକୁ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିନୟ କୁମାର ସିଂ, ଅନାମ ବିଶ୍ୱାଳ, ଅଭିମନ୍ୟୁ ପାତ୍ର, ଶ୍ରୀମତୀ ନାୟକ, କାଞ୍ଚନ ବିଶ୍ୱାଳ, ଅହଲ୍ୟା ପାତ୍ର, ମଞ୍ଜରୀ ନାୟକ, ରତନୀ ନାୟକ ପ୍ରମୁଖ ଦାବି କରିଛନ୍ତି। ଏ ନେଇ ପ୍ରଧାନଶିକ୍ଷକ ଅକ୍ଷୟ କୁମାର ପ୍ରଧାନ କହିଛନ୍ତି, ଶିକ୍ଷକ, ଆବଶ୍ୟକ ଶ୍ରେଣୀଗୃହ ନ ଥିବା ଯୋଗୁ ପାଠପଢାରେ ବ୍ୟାପକ ଅସୁବିଧା ସୃଷ୍ଟି ହେଉଛି। ଏ ନେଇ ଶିକ୍ଷା ବିଭାଗର ଉଚ୍ଚ ପଦାଧିକାରୀଙ୍କୁ ଅବଗତ କରାଯାଇଛି।

ଧରିତ୍ରୀର ଢେଙ୍କାନାଳ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର

ଢେଙ୍କାନାଳ ଅଫିସ- (୦୬୭୬୨)-୨୨୪୨୫୪, ଢେଙ୍କାନାଳ-୯୪୩୭୦୯୪୦୩୭, କାମାକ୍ଷାନଗର-୯୪୩୭୩୬୦୯୭୦, ଓଡ଼ାପଡ଼ା-୯୪୩୭୦୯୩୮୨୨, ହିନ୍ଦୋଳ-୭୮୯୪୪୬୨୯୦୫, ଭୁବନ-୭୮୯୪୪୬୨୯୦୭, ପରଜଙ୍ଗ-୯୯୩୭୮୬୪୨୯୧, ଭାପୁର-୯୯୩୭୦୭୯୭୭୦, ରାସୋଳ-୯୪୩୭୭୦୬୧୬୭, ସାତମାଇଲ-୯୯୩୭୭୫୧୪୨୮, ଅନୁଗୋଳ ଅଫିସ-(୦୬୭୬୪)-୨୩୭୫୫୬, ଅନୁଗୋଳ- ୯୮୫୩୮୪୯୧୨୩, ଅନୁଗୋଳ (ଫଟୋଗ୍ରାଫର)- ୯୮୬୧୨୨୦୬୫୫, ତାଳଚେର- ୦୪୩୭୨୯୨୪୭୮, କଣିହାଁ-୭୮୯୪୪୬୨୯୧୨, ବଣ୍ଟଅଁରପାଳ- ୭୮୯୪୪୬୨୯୧୬, ବନ୍ତଳା-୯୯୩୭୯୦୮୯୧୫, ଆଠମଲ୍ଲିକ- ୭୮୯୪୪୬୨୯୧୭, ମାଧପୁର-୯୯୩୭୬୪୪୫୫୨, ବଇଣ୍ଡା- ୭୮୯୪୪୬୨୯୧୮, ଛେଣ୍ଡିପଦା- ୯୯୩୭୯୮୦୭୦୩, ପାଲଲହଡା- ୭୮୯୪୪୬୨୯୨୧, ପବିତ୍ରନଗର- ୮୦୧୮୧୩୫୩୩୧।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. ORIORI/2005/14846 Postal Regd. No. BN/42/18-20. Edition Phone (06762) 224254, (06764) 237556 ଢେଙ୍କାନାଳ,ସୋମବାର, ମାର୍ଚ୍ଚ ୧୬/୨୦୨୦ Dhenkanal, Monday, March 16 / 2020

# ବିଜୁଳି ବିଲ୍ ଆଦାୟ ବେଳେ ମାଡ଼



ଏନ୍‌ଜେନ କର୍ମଚାରୀମାନେ ଧାରଣାରେ ବସିଛନ୍ତି।

**ଅନୁଗୋଳ ଅଫିସ୍, ୧୫।୩**

■ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରୁ ନ ଥିବା ଅଭିଯୋଗ

■ ଥାନା ଘେରିଲେ ବିଦ୍ୟୁତ୍ କର୍ମଚାରୀ

ବକେୟା ବିଦ୍ୟୁତ୍‌ବିଲ ଆଦାୟ କରିବାକୁ ଯାଇଥିବାବେଳେ ରବିବାର ଅନୁଗୋଳ ଏନଜେନ୍ କନିଷ୍ଠ ଯନ୍ତ୍ରୀ ଦୀପକ କୁମାର ପାତ୍ରଙ୍କୁ ମାଡ଼ ମରାଯାଇଥିବା ଥାନାରେ ଅଭିଯୋଗ ହୋଇଛି। ଅଙ୍ଗାରବନ୍ଧ ଗ୍ରାମର ଜଣେ ଉପଭୋକ୍ତା ତାଙ୍କୁ ଆକ୍ରମଣ କରିଥିବା ଅଭିଯୋଗରେ ଦର୍ଶାଯାଇଛି। ପୋଲିସ ଏ ସଂକ୍ରାନ୍ତରେ ନଂ. ୩୧୫/୨୦ରେ ଏକ ମାମଲା ରୁଜୁ କରିଛି।

ଅଭିଯୋଗରୁ ଜଣାଯାଏ, ଅନୁଗୋଳ ଡିଭିଜନ୍ ଅଧୀନରେ କାର୍ଯ୍ୟ କରୁଥିବା ସେସୁ ଓ ଏନ୍‌ଜେନ କର୍ମଚାରୀମାନେ ଘର ଘର ବୁଲି ବିଜୁଳି ବକେୟା ଟଙ୍କା ଆଦାୟ କରୁଛନ୍ତି। ଅପରାହ୍ନରେ ଦୀପକ ବିଦ୍ୟୁତ୍ ବିଲ୍ ଆଦାୟ କରିବାକୁ ଅଙ୍ଗାରବନ୍ଧ ଗ୍ରାମକୁ ଯାଇଥିବାବେଳେ ଉପଭୋକ୍ତା ଜଣକ ତାଙ୍କୁ ଗାଳି କରିବା ସହ ମାଡ଼ ମାରିଥିଲେ। ଏ ନେଇ ଥାନାରେ ଅଭିଯୋଗ କରିବା ପରେ ପୋଲିସ ସେହି ଗ୍ରାମକୁ ଯାଇଥିଲା। ହେଲେ ଅଭିଯୁକ୍ତଙ୍କୁ ଗିରଫ କରି ନ ଥିବା ଦୀପକ ଅଭିଯୋଗ କରିଛନ୍ତି। ଏହାକୁ ନେଇ ବିଦ୍ୟୁତ୍ କର୍ମଚାରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ସେମାନେ ଥାନା ଘେରିବା ସହ ଧାରଣାରେ ବସିଥିଲେ। ଏହାପରେ ପୋଲିସ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଥାନାକୁ ଆଣି ପଚରାଉଚୁରା କରୁଛି।

ଘଟଣା ସମ୍ପର୍କରେ ଥାନା ଅଧିକାରୀ ରମେଶ ଚନ୍ଦ୍ର ବିଶୋଇ କହିଛନ୍ତି, ତଦନ୍ତ ଚାଲିଛି। ଏସ୍‌ଆଇ ପ୍ରକାଶ ଚନ୍ଦ୍ର ମାଝିଙ୍କୁ ଘଟଣାର ତଦନ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ଅଭିଯୁକ୍ତଙ୍କୁ ଥାନାକୁ ଆଣି ପଚରାଉଚୁରା କରାଯାଉଛି। ଏହାପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ଗତ ୧୫ଦିନ ମଧ୍ୟରେ ଏଭଳି ୨ଟି ମାମଲା ରୁଜୁ ହୋଇଛି। ଗତ ମାସ ୨୯ ତାରିଖରେ ଶିକ୍ଷକପଡ଼ା ଛକରେ ଏନ୍‌ଜେନ୍‌ର ଲାଇନ୍‌ମ୍ୟାନ୍ ପ୍ରତ୍ୟୁଷ କୁମାର ସ୍ୱାଇଁଙ୍କୁ ମାଡ଼ ମରାଯାଇଥିବା ଅଭିଯୋଗ ହୋଇଥିଲା। ଏ ନେଇ ନଂ. ୨୪୭/୨୦ରେ ମାମଲା ରୁଜୁ ହୋଇଥିଲା। ଅଭିଯୁକ୍ତମାନଙ୍କୁ ଗିରଫ କରା ନ ଯିବା ପର୍ଯ୍ୟନ୍ତ ବକେୟା ବିଲ୍ ଆଦାୟ କରିବାକୁ ଯିବେନାହିଁ ବୋଲି ବିଦ୍ୟୁତ୍ କର୍ମଚାରୀମାନେ ଚେତାବନୀ ଦେଇଛନ୍ତି।

# ବିନିକେଇଙ୍କ ଯାତ୍ରା ବନ୍ଦ

**ଆଠମଲ୍ଲିକ,୧୫।୩(ଡି.ଏନ.ଏ.)**

କରୋନା ସଂକ୍ରମଣ ରୋକିବା ଲାଗି ସରକାରୀସ୍ତରରେ ବିଭିନ୍ନ ପଦକ୍ଷେପ ହାତକୁ ନିଆଯାଇଛି। ସ୍କୁଲ ବନ୍ଦ, ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ଆଦି ସ୍ଥଗିତ ରଖାଯାଇଥିବାବେଳେ ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକରେ ସୋମବାରଠାରୁ ଆରମ୍ଭ ହେବାକୁ ଥିବା ପ୍ରସିଦ୍ଧ ମା' ବିନିକେଇ ଯାତ୍ରା ବନ୍ଦ କରାଯାଇଛି। ଜନଗହଳିକୁ ଏଡାଇବା ଲକ୍ଷ୍ୟରେ ଅନୁଗୋଳ ଜିଲାପାଳ ମନୋଜ ମହାନ୍ତିଙ୍କ ନିର୍ଦ୍ଦେଶକ୍ରମେ ଏହି ଯାତ୍ରାକୁ ବନ୍ଦ କରାଯାଇଛି। ଏହି ଯାତ୍ରା ୧୬ ତାରିଖଠାରୁ ୧୯ ତାରିଖ ପର୍ଯ୍ୟନ୍ତ ହେବାର ଥିଲା। ରବିବାର ଆଠମଲ୍ଲିକ ପ୍ରଶାସନ ପକ୍ଷରୁ ଡାକବାଜି ଯନ୍ତ୍ରରେ ଯାତ୍ରା ବନ୍ଦ କରାଯିବା ନେଇ ଜନସାଧାରଣଙ୍କୁ ଅବଗତ କରାଯାଇଛି।







Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ଶତପଥୀ